# ପିଲାମାନଙ୍କ ପାଇଁ ବାଇବଲ
## ଉପହାର



## ତାଡ଼ନା କାରୀରୁ ପ୍ରଚାରକ

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

Alastair Paterson

ପ୍ରଯୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ପ୍ରଥମ ମଣ୍ଡଳୀରେ ସଦାପ୍ରଭୁ ତାଙ୍କ ଲୋକମାନଙ୍କ ଦ୍ୱାରା ମହାନ କାର୍ଯ୍ୟ ସାଧନ କଲେ । ଜଣେ, ଫିଲିପ୍ପ ନମରେ ଏକ ପ୍ରେରିତ, ଶମିରଣିୟ ନଗରକୁ ଯାଇ ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କୁ ଘୋଷଣା କରିବାକୁ ଲାଗିଲେ । କିନ୍ତୁ ଇଶ୍ୱର ତାଙ୍କୁ ମରୁଭୂମିକୁ ପ୍ରେରଣ କଲେ । କାହିଁକି?



ଈଶ୍ୱର ଜାଣିଥିଲେ ସେହି ମରୁଭୂମି
ଅଞ୍ଚଳରେ ଏକ ପଥିକ ଅଛି ଯେ
ଏକ ଉଚ୍ଚ ପଦ ପ୍ରାପ୍ତ ଲୋକ ସେ
କୁଶ୍ ଦେଶିୟମାନଙ୍କ କାଣ୍ଡାକୀ
ନାମ୍ନୀ ରାଣୀଙ୍କ ଅଧିନସ୍ଥ ଥିଲେ ।



ସେ ବାହୁଡ଼ି ଯାଉ ଯାଉ
ଆପଣା ରଥରେ ବସି ବିଶେଷ
ଶାସ୍ତ୍ର ପାଠ କରୁଥିଲେ । ତୁମେ
କହିପାର କି ସେ କେଉଁ
ଶାସ୍ତ୍ରକୁ ପାଠ କରୁଥିଲେ?

ଯେତେବେଳେ ଫିଲ୍ପ ଈଶ୍ୱରଙ୍କ ବାଧ୍ୟ ହେଲେ, ସେ ତାହାଙ୍କୁ ସେହି



ପଦ ପ୍ରାପ୍ତ
ଲୋକଙ୍କ
ନିକଟକୁ
ନେଇଗଲେ ଯେ
ଈଶ୍ୱରଙ୍କ ଶାସ୍ତ୍ରରୁ
ପଠ କରୁଥିଲେ କିନ୍ତୁ କିଛି
ବୁଝି ପାରୁ ନ ଥିଲେ । ସେ ଫିଲିପଙ୍କୁ
ତାଙ୍କ ସହିତ ଯିବାକୁ ନିମନ୍ତ୍ରଣ କଲେ ।

ଏହାର ତାତ୍ପର୍ଯ୍ୟ କଅଣ, ସେହି ପଦ ପ୍ରାପ୍ତ ଲୋକ
ଫିଲିପ୍ପଙ୍କୁ ପଚ଼ାରିଲେ । ସେହି ମରୁଭୂମିରେ ରଥ
ଯିବା ସମୟରେ ଫିଲିପ୍ପ ମୁଖ ଫିଟାଇ ଶାସ୍ତ୍ରର
ଏହି ବାକ୍ୟରୁ ଆରମ୍ଭ କରି ତାଙ୍କ
ନିକଟରେ ଯୀଶୁଙ୍କ
ସୁସମାଚ଼ାର
ପ୍ରଚ଼ାର କଲେ ।





ସେହି
ଆଫ୍ରିକୀୟ
ଶାସନକର୍ତ୍ତା
ଶିଘ୍ର
ବାଇବଲର ବାକ୍ୟ ଉପରେ
ଓ ଯୀଶୁ ଯେ ଇଶ୍ୱରଙ୍କ ପୁତ୍ର ତାହା
ବିଶ୍ୱାସ କଲେ । ଆଉ ସେମାନେ ପଥରେ
ଯାଉ ଯାଉ କୌଣସି ଏକ ସ୍ଥାନରେ ଜଳାଶୟ ଦେଖି ସେ
କହିଲା, ମୋହର ବାପ୍ତିଜିତ ହେବା ନିମନ୍ତେ କଅଣ ବାଧା ଅଛି?

ଫିଲିପ୍ପ କହିଲେ, ଯଦି ଆପଣ ସମସ୍ତ ଅନ୍ତକରଣ ସହିତ ବିଶ୍ୱାସ କରିନ୍ତି, ତାହାହେଲେ ହୋଇ ପାରେ । ସେଥିରେ ସେ ଉତ୍ତର ଦେଲେ, ଯୀଶୁଖ୍ରୀଷ୍ଟ ଯେ ଇଶ୍ୱରଙ୍କ ପୂତ୍ର, ଏହା ମୁଁ ବିଶ୍ୱାସ କରୁଅଛି । ପୁଣି ଫିଲିପ୍ପ ତାହକୁ



ଜଳ ଭିତରକୁ ନେଇ ବାପ୍ତିସ୍ମ ଦେଲେ ।



ସେମାନେ ଜଳ ମଧ୍ୟରୁ ଉଠି ଆସନ୍ତେ, ପ୍ରଭୁଙ୍କର ଆତ୍ମା ଫିଲିପ୍ପଙ୍କୁ ଘେନିଗଲେ, ପୁଣି ନପୁଂଶକ ତାଙ୍କୁ ଦେଖି ପାରିଲେ ନାହିଁ । ସେ ଆନନ୍ଦ କରୁ କରୁ ଆପଣା ପଥରେ ଚାଲିଗଲେ ।

କିନ୍ତୁ କେତେକ ଲୋକ ବିଶ୍ୱାସି ମାନଙ୍କୁ ଘୃଣା କରୁଥିଲେ, ଷ୍ଟିଫାନ, ଫିଲିପ୍ପଙ୍କ ବନ୍ଧୁମାନଙ୍କ ମଧ୍ୟରୁ ଜଣେ ଥିଲେ । ଯେ ସେହି କ୍ରୋଧିତ ଲୋକମାନଙ୍କ ଦ୍ୱାରା ମାରାପଡ଼ିଗଲେ । ସେମାନେ ଯୀଶୁଙ୍କ ବିଷୟରେ ଶୁଣିବାକୁ ଇଛା କରୁ ନଥିଲେ ।



ଶାଉଲ ନାମରେ ଏକ ଯୁବକ ଯେ କି ତାର୍ଶ ନଗରର ଲୋକ ଯେ ଷ୍ତିଫାନଙ୍କୁ ବଧକରିବାକୁ ସାହାଯ୍ୟ କଲା । ଶାଉଲ ସମସ୍ତ ବିଶ୍ୱାସି ବିଶ୍ୱାସିନୀ ମାନଙ୍କୁ ଘୃଣା କରୁଥିଲେ ।



ଶାଉଲ, ବିଶ୍ୱାସି ମାନଙ୍କୁ ପୁରୁଷ କିମ୍ବା ସ୍ତ୍ରୀର ଦେଖା ପାଆନ୍ତି, ଯେପରି ସମାନଙ୍କୁ ବାନ୍ଧି ଯିରୁଶାଲମକୁ ଆଣି ପାରନ୍ତି ଏଥି ସକାଶେ ଦମ୍ମେଶକର ସମସ୍ତ ସମାଜ ଗୃହକୁ ଯାଇ ସେମାନଙ୍କଠାରୁ ପତ୍ର ମାଗିଲେ ।





ତାର୍ଶ ନଗରର ଶାଉଲ, ସେ
ଜାଣିନଥିଲା ଯେତେବେଳେ
ସେ ପ୍ରଭୁଙ୍କ ଲୋକମାନଙ୍କୁ
ତାଡ଼ାନା କଲେ ମାତ୍ର
ବାସ୍ତବରେ ସେ ଯୀଶୁଙ୍କୁ
ତାଡ଼ନା କରୁଥିଲେ । ପ୍ରଭୁ
ଶାଉଲଙ୍କୁ ରୋକିବା
ଆବଶ୍ୟକ ।  କିନ୍ତୁ କିପରି?

ପ୍ରଭୁ ଶାଉଲ ଧରିଲେ, ଶାଉଲ,
ଯେତେବେଳେ ଶାଉଲ ଦମ୍ମେଶକର
ରାସ୍ତାରେ ଥିଲେ, ଆକାଶରୁ
ଆଲୋକ ତାଙ୍କ ଚାରିଆଡ଼େ ଚମକି
ଉଠିଲା । ଶାଉଲ ଭୂମିରେ
ପଡ଼ିଗଲେ । ସେ
ଏକ ବାଣୀ ଶୁଣିଲେ ।





ହେ ପ୍ରଭୁ, ଆପଣ କିଏ? ମୁଁ ଯୀଶୁ ଯାହାଙ୍କୁ ତୁମ୍ଭେ ତାଡ଼ନା କରୁଅଛ । ଭୟରେ ଓ ବିସ୍ମିତ ଭାବରେ ଶାଉଲ ପଚାରିଲେ, ହେ ପ୍ରଭୁ ମୋତେ କଅଣ କରିବାକୁ ହେବ? ପୁଣି ପ୍ରଭୁ ତାହଙ୍କୁ କହିଲେ, ଉଠ ନଗରରେ ପ୍ରବେଶ କର ଆଉ ତୁମ୍ଭକୁ କଅଣ କରିବାକୁ ହେବ ତାହା କୁହାଯିବ ।

ଶାଉଲଙ୍କ ସହିତ ଥିବା ଲୋକମାନେ

ମଧ୍ୟ ସେହି ସ୍ୱର ଶୁଣିଥିଲେ,

ମାତ୍ର କିଛି ଦେଖିଲେ ନାହିଁ ।

ଶାଉଲ ଭୂମିରୁ ଉଠିଲେ

ସେତେବେଳେ ସେ

କିଛି ଦେଖି ପାରିଲେ

ନାହିଁ । ସେମାନେ

ତାଙ୍କ ହାତଧରି

ଦମ୍ମେଶକକୁ

ନେଇଗଲେ ।



ନଗରରେ ଶାଉଲ ତିନିଦିନ ପର୍ଯ୍ୟନ୍ତ
ଦୃଷ୍ଟିହିନ ହୋଇ ରହିଲେ ପୁଣି
କିଛି ଖାଇଲେ ନାହିଁ କି ପିଇଲେ
ନାହିଁ । ହୋଇପାରେ ସେ ସେହି
ସମୟ ଯୀଶୁଙ୍କୁ ପ୍ରାର୍ଥନାରେ
ବିତାଇଲେ ଯେ ଦମ୍ମେଶକର
ରାସ୍ତାରେ ତାଙ୍କୁ ଦେଖା ଦେଲେ ।



ପ୍ରଭୁ ସମସ୍ତ କିଛି ଯୋଜନା କରି
ରଖିଥିଲେ । ଦମ୍ମେଶକରେ ହନନୀୟ
ନମରେ ଜଣେ ଶିଶ୍ୟ ଥିଲେ ।
ପ୍ରଭୁ ତାଙ୍କୁ ଶାଉଲଙ୍କୁ ସାହାଯ୍ୟ
କରିବାକୁ ପ୍ରେରଣ
କଲେ ।



କିନ୍ତୁ ହନନୀୟ ଭୟ କଲେ । ମାତ୍ର ପ୍ରଭୁଙ୍କର ବାଧ୍ୟ ହେଲେ । ଯେତେବେଳେ ସେ ଶାଉଲଙ୍କ ଉପରେ ହସ୍ତାର୍ପଣ କଲେ ପୁଣି ଶାଉଲ ଦେଖିପାରିଲେ ଶାଉଲ ମଧ୍ୟ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ ।





ଶାଉଲ ବାପ୍ତିଜିତ ହେଲେ । ଆଉ
ସେ ଭୋଜନ କରି ବଳ ପାଇଲେ,
ଶାଉଲଙ୍କୁ ଶକ୍ତିର ଆବଶ୍ୟକତା
ଥିଲା । ତାଙ୍କ ଅତି ମହତ୍ୱପୂର୍ଣ୍ଣ
କାର୍ଯ୍ୟ କରିବାକୁ ଥିଲା ।

ସଂଙ୍ଗେ ସଂଙ୍ଗେ ଶାଉଲ ସମାଜ ଗୃହରେ
ଯୀଶୁଙ୍କ ବିଷୟରେ ପ୍ରଚାର କଲେ,
ଯେ ସେ ଈଶ୍ୱରଙ୍କ ପୁତ୍ର ଅଟନ୍ତି ।
ଯେତେଲୋକ ତାହା
ଶୁଣିଲେ ସମସ୍ତେ
ଆଚମ୍ବିତ
ହେଲେ ।



ଏ କି ସେହି ନୁହେଁ ଯେ ବିଶ୍ୱାସି ମାନଙ୍କୁ
ଛିନ୍ନ ଭିନ୍ନ କଲା, ଏବଂ ସେମାନେ
ଶାଉଲଙ୍କୁ ହତ୍ୟା କରିବାକୁ
ମନ୍ତ୍ରଣା କଲେ ।





ଶାଉଲଙ୍କ ନୂତନ ଶତ୍ରୁମାନେ ତାଙ୍କୁ ହତ୍ୟା କରିବା ନିମନ୍ତେ ନଗରଦ୍ୱାର ଜଗି ରହିଲେ । କିନ୍ତୁ ତାଙ୍କର ନୂତନ ବନ୍ଧୁମାନେ, ଶିଶ୍ୟମାନେ, ରାତ୍ରୀସମୟରେ ତାଙ୍କୁ ଘେନି ଗୋଟିଏ ବେତାରେ ପ୍ରାଚୀର ଦେଇ ତଳକୁ ଓହ୍ଲାଇଦେଲେ ।



ଏବଂ ସେହି ସମୟଠାରୁ ଶାଉଲ
ଯେ ବିଶ୍ୱାସି ମାନଙ୍କ ନିମନ୍ତେ ଏକ
ନିର୍ଯ୍ୟାତନାକାରୀ ଥିଲେ ବର୍ତ୍ତମାନ
ସେ ତାଙ୍କ ନୂତନ ପ୍ରଭୁଙ୍କ ସହିତ
ବିଶ୍ୱସ୍ତତାରେ ଜୀବନ ଯାପନ
କଲେ । ପ୍ରଭୁ ଯୀଶୁ ଖ୍ରୀଷ୍ଟ

ତାଡ଼ନା କାରୀରୁ ପ୍ରଚାରକ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରେରିତ ୮-୯

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬